# Akashvani, Sambalpur

# SAMBALPURI NEWS BULLETIN

## 17 June 2025- 6.47- 6.52 am.

***********************************************

କୃଷକ୍ ଶକ୍ତି ସମାବେଶ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ବଛର୍‌ପୂର୍ତି ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ବଲାଙ୍ଗିର୍ ଜିଲ୍ଲାକେ ଆସିକରି କୃଷକ୍ ଶକ୍ତି ସମାବେଶ୍‌କେ ଉଦ୍‌ଘାଟନ୍ କର୍‌ବେ । ବଲାଙ୍ଗିର୍ ପଥର୍‌ଚେପା ପଡ଼ିଆଠାନେ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେଇକରି ରାଜ୍ୟ ସର୍‌କାର୍‌ଙ୍କର୍ ଗୁଟେ ବଛ୍‌ରର୍ ଭିନ୍ ଭିନ୍ ଯୋଜ୍‌ନା ମାନ୍‌କର୍ ସଫଲ୍ ରୂପାୟନ୍ ବାବ୍‌ଦେ ଲୁକ୍‌କୁ ଜନାବେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଆଉ ମତ୍ସ୍ୟ, ପ୍ରାଣୀସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ପ୍ରମୁଖ ଉପସ୍ଥିତ୍ ରହେବେ ।

ଏଚ୍.ଏଲ୍.ସି.ଏ. ବୈଠକ୍-ପ୍ରକଳ୍ପ   ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶିଳ୍ପର୍ ବିକାଶ୍ ଲାଗି ରାଜ୍ୟ ସର୍କାର୍ ଗଲାକାଏଲ୍ ଲାଖେ ୫୧ ହଜାର୍ କୋଟି ଟଙ୍କାର୍ ପ୍ରକଳ୍ପକେ ଅନୁମୋଦନ୍ କରିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ବସିଥିବା ଉଚ୍ଚକ୍ଷମତା ସମ୍ପନ୍ନ ଅନୁମୋଦନ୍ କର୍ତୃପକ୍ଷ -ଏଚ୍.ଏଲ୍.ସି.ଏ. ବୈଠକ୍‌ଥି ୮ ଟା ପ୍ରକଳ୍ପ ଲାଗି ଇ ଟଙ୍କା ଅନୁମୋଦନ୍ କରାଯାଇଛେ । ଇ ଶିଳ୍ପ ପ୍ରକଳ୍ପମାନେ କାର୍ଯ୍ୟକାରୀ ହେଲେ ରାଏଜେ ୬୦ ହଜାର୍‌ନୁ ଅଏତ୍‌କା ନିଯୁକ୍ତି ସୃଷ୍ଟି ହେବା ।

ମୁଖ୍ୟମନ୍ତ୍ରୀ-ଷଷ୍ଠ ରାଜ୍ୟ ଅର୍ଥ କମିଶନ୍ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଷଷ୍ଠ ରାଜ୍ୟ ଅର୍ଥ କମିଶନ୍ ଗଲାକାଏଲ୍ ଭେଟିକରି ଭିନ୍ ଭିନ୍ ବିଷେଥି ଆଲୋଚନା କରିଛନ୍ । ରାଜ୍ୟର୍ ପଂଚାୟତ୍ ଆଉ ପୌରସଂସ୍ଥାମାନ୍‌କୁ ବର୍‌କସ୍ କର୍‌ବାର୍ ଲାଗି କମିଶନ୍‌ର ଅଧ୍ୟକ୍ଷ ଡକ୍ଟର୍ ଅରୁଣ୍ କୁମାର୍ ପଣ୍ଡା- ମୁଖ୍ୟମନ୍ତ୍ରୀଙ୍କର୍ ବହୁମୂଲ୍ୟ ପରାମର୍ଶ ମାଗିଥିଲେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟ ଅର୍ଥ କମିଶନ୍‌ର ୱେବ୍‌ସାଇଟ୍ sfc.odisha.gov.in ର ଉନ୍ମୋଚନ୍ କରିଛନ୍ । ଇ ୱେବ୍‌ସାଇଟ୍ ନିର୍ବାଚିତ ପ୍ରତିନିଧି, ଗ୍ରାମ୍‌ପଂଚାୟତ୍, ପଂଚାୟତ୍ ସମିତି, ଜିଲ୍ଲା ପରିଷଦ୍, ନଗର୍ ନିଗମ୍

ସହେତେ ବୁଦ୍ଧିଜୀବୀ, ବିଶ୍ୱବିଦ୍ୟାଲୟ ଆଉ ଗବେଷଣା ସଂଗଠନ୍, ସାମାଜିକ୍ ସଂଗଠନ୍ ଆଉ ବିଶିଷ୍ଟ ବ୍ୟକ୍ତିଙ୍କର୍ ଠାନୁ ପରାମର୍ଶ ନେବା ।

ଶ୍ରୀମନ୍ଦିର୍- ଅଣସର୍ ପୁରୀ ସମ୍ବାଦଦାତା

ଜରେ ପଡ଼ିଥିବା ମାହାପୁରୁମାନ୍‌କର୍ ଅଣସର ଘରେ ଚାଲିଛେ ଗୁପ୍ତ ଉପଚାର୍ । ଦଇତାପତି ଆର୍ ମହାପାତ୍ର ମାନେ ମାହାପୁରୁମାନ୍‌କର୍ ଗୁପ୍ତ ସେବା ଚଲେଇଛନ୍ । ଗଲାକାଏଲ୍ ପଂଚ୍‌ମୀ ତିଥିଥି ମାହାପୁରୁମାନ୍‌କର୍ ଶ୍ରୀଅଙ୍ଗନୁ ଉଦାକପଡ଼ା କଢ଼ାଯାଇକରି ଶ୍ରୀଅଙ୍ଗଫିଟା ନୀତି ହେଇଥିଲା । ତାର୍ ଉତ୍‌ରୁ ମାହାପୁରୁମାନ୍‌କୁ ଫୁଲିରି ତେଲ୍ ଲଗାବାର୍‌ନୁ ଜର୍ ସାମାଏନ୍ କମି ହେଇଥିଲା । ଆଏଜ୍ ଷଷ୍ଠୀ ଅବ୍‌ସରେ ସୁଦୁ ସୁଆରଙ୍କର୍ ଘରୁ ଆସିଥିବା ଉଷୋ କଷା ମାହାପୁରୁମାନ୍‌କୁ ଦିଆଯିବା । ଶ୍ରୀମନ୍ଦିର୍ ରାଜବୈଦ୍ୟଙ୍କର୍ ପରାମର୍ଶ ଅନ୍‌ସାରେ ଆୟୁର୍ବେଦିକ୍ ପଦ୍ଧତିଥି ମାହାପୁରୁମାନ୍‌କର୍ ଚିକିତ୍ସା କରାଯାଉଛେ ।

ବିକାଶ୍ ମେଳା ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ରୟାଲ୍ ପଡ଼ିଆଠାନେ ଚାଲିଥିବା ଜିଲ୍ଲାସ୍ତରୀୟ ବିକାଶ୍ ମେଳାର୍ ୫ ନମ୍ବର୍ ଦିନେ ଗଲାକାଏଲ୍ ବୀର୍‌ମହାରାଜ୍‌ପୁର୍ ବିଧାୟକ୍

ରଘୁନାଥ୍ ଜଗ୍‌ଦଲା ଯୋଗ୍ ଦେଇକରି ରାଜ୍ୟ ସର୍‌କାର୍‌ଙ୍କର୍ ବଛର୍‌କର୍ ସଫଳତା ବାବ୍‌ଦେ କହିଥିଲେ । ଖାସ୍ କରି ଚାଷୀମାନ୍‌କୁ ବର୍‌କସ୍ କର୍‌ବାର୍ ଲାଗି ଏମ୍.ଏସ୍.ପି. ବଢ଼ାବାର୍‌ଟା ଆଉ ମହିଳାମାନ୍‌କୁ ବର୍‌କସ୍ କର୍‌ବାର୍ ଦିଗେ ସୁଭଦ୍ରା ଯୋଜ୍‌ନା ରାଜ୍ୟ ସର୍‌କାର୍‌ଙ୍କର୍ ଗୁଟେ ବଡ଼ ଉପଲବ୍ଧି ଆଏ ବଲି ଶ୍ରୀ ଜଗଦଲା କହିଛନ୍ ।

ଆଶା ନିଯୁକ୍ତି ଦାବି- ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ଜଙ୍ଗଲ୍ ପାହାଡ଼୍ ଭିତ୍‌ରର୍ ଗାଁ ମହୁଲ୍‌ଝରନ୍ ଠାନେ ଆଶା ନିଯୁକ୍ତି ଦେବାର୍ ଲାଗି ଗଲାକାଏଲ୍ ଗାଁର୍ ଲୁକେ ଜିଲ୍ଲାପାଲ୍‌ଙ୍କୁ ଦାବିପତ୍ର ଦେଇଛନ୍ । ଗାଁ ନ ଆଶା ନାଇଁ ଥିବାର୍‌ନୁ ସ୍ୱାସ୍ଥ୍ୟସେବା ଠିକ୍ ଭାବେ ନାଇଁ ପୁହୁଁଚିପାର୍‌ବାର୍ । ମହିଳାମାନ୍‌କର୍ ନିରାପଦ ମାତୃତ୍ୱ ଦିଗେ ଭିଲ୍ ସମସ୍ୟା ଦେଖାଯାଉଛେ ବଲି ସେମାନେ ଅଭିଯୋଗ୍ କରିଛନ୍ । ଅଭିଯୋଗ୍ ପାଇକରି ଜିଲ୍ଲାପାଲ୍ ଖୋବ୍ ଜଲ୍‌ଦି ଗାଁ ଲୁକ୍‌କର୍ ଦାବି ପୂରଣ୍ କର୍‌ବେ ବଲି ପ୍ରତିଶ୍ରୁତି ଦେଇଥିବାର୍ ଜନାପଡ଼ିଛେ ।

ବିଶ୍ୱ କୁମ୍ଭୀର ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ କୁମ୍ଭୀର ଦିବସ୍ । ଇତାର୍‌ସହେତେ ଓଡ଼ିଶାର୍ କୁମ୍ଭୀର ସଂରକ୍ଷଣ୍ ପ୍ରକଳ୍ପକେ ଆଏଜ୍ ପୁରୁଛେ ୫୦ ବଛର୍ । ଇତାକେ ନେଇକରି ଆକାଶ୍‌ବାଣୀ ସମ୍ବାଦ୍ ବିଭାଗ୍ ତର୍‌ଫୁ ଗୁଟେ ଖାସ୍ ରିପୋର୍ଟ...

(ଭଏସ୍ ଓଭର୍- ବିସ୍ମିତା ପଧାନ୍)

*କୁମ୍ଭୀର୍ ମାନ୍‌କର୍ ସଂଖ୍ୟା କମ୍‌ବାର୍ ଦେଖିକରି ୧୯୭୫ ମସିହା ବେଲ୍‌କେ ମିଲିତ୍ ଜାତିସଂଘ ତର୍‌ଫୁ ଇତାର୍ ସଂରକ୍ଷଣ୍ ଚେରେଷ୍ଟା ମୁଲ୍ ହେଇଥିଲା । ସେଁ’ ବଛର୍ ଜୁନ୍ ୧୭ ତାରିଖିକେ ବିଶ୍ୱ କୁମ୍ଭୀର୍ ଦିବସ୍ ଭାବେ ପାଲନ୍ କରିକରି କୁମ୍ଭୀର୍ ମାନ୍‌କର୍ ସୁରକ୍ଷା ଲାଗି ଲୁକ୍‌କୁ ସଚେତନ୍ କରାଯାଉଛେ ।*

*୧୯୭୫ ମସିହା ଏପ୍ରିଲ୍ ୧ ତାରିଖ୍ ଯେତେବେଲେ ଭାରତ୍ ସର୍‌କାର୍ କୁମ୍ଭୀର ସଂରକ୍ଷଣ୍ ପ୍ରକଳ୍ପ ମୁଲ୍ କଲେ ସେତେବେଲେ ସବୁ ପ୍ରଜାତିର୍ କୁମ୍ଭୀର ମାନ୍‌କର୍ ସୁରକ୍ଷା ଲାଗି ଓଡ଼ିଶା ପହେଲା ବୈଜ୍ଞାନିକ୍ ଉଦ୍ୟମ୍ ମୁଲ୍ କରିଥିଲା । ଗଲା ୫୦ ବଛର୍ ଭିତ୍‌ରେ କୁମ୍ଭୀର୍‌ର ୩ ଟା ପ୍ରଜାତି ଘଡ଼ିଆଲ୍, ଲୁଣିପାଣି କୁମ୍ଭୀର୍ ଆର୍ ମଗର୍ ମାନ୍‌କର୍ ସୁରକ୍ଷା ଲାଗି ବହୁତ୍‌ଟେ ପଦକ୍ଷେପ୍ ନେଇକରି ସଫଲ୍‌ତା ପାଇଛେ । ଓଡ଼ିଶା ପହେଲା ରାଜ୍ୟ ଭାବେ କୁମ୍ଭୀର୍ ମାନ୍‌କର୍ ସୁରକ୍ଷାର୍ ଲାଗି ବନ୍ୟପ୍ରାଣୀ ଜୀବବିଜ୍ଞାନୀ ନିଯୁକ୍ତି କରିଥିଲା । ଭୁବ୍‌ନେଶ୍ୱର୍ ନନ୍ଦନ୍ କାନନ୍ ଆଉ ଡାଙ୍ଗ୍‌ମାଲ୍ ଠାନେ ଦେଶର୍ ପହେଲା ଘଡ଼ିଆଲ୍ ପ୍ରଜନନ କେନ୍ଦ୍ର ଥାପ୍‌ନା*

*କରିଥିଲା । ସେନ୍ତା ଭିତରକନିକା ଆଉ ସାତକୋଶିଆ ପହେଲା ଲୁଣିଆପାଣିର୍ କୁମ୍ଭୀରମାନ୍‌କର୍ ବାସସ୍ଥାନ୍ ଭାବେ ଘୋଷ୍‌ନା କରାଯାଇଥିଲା । ଗଲା ୫୦ ବଛର୍ ଭିତ୍‌ରେ ଓଡ଼ିଶାର୍ ଉଦ୍ୟମ୍ ବଲେ ଆଏଜ୍ ଦେଶେ ପୁର୍‌ଥିର୍ ୮୦ ପ୍ରତିଶତ୍ ଘଡ଼ିଆଲ୍ ଅଛନ୍ ।*

*ଆକାଶ୍‌ବାଣୀ ସମ୍ବାଦ ବିଭାଗ୍ ତର୍‌ଫୁ ମୁଇଁ ବିସ୍ମିତା ପଧାନ୍ ।*

ମହିଳା କ୍ରିକେଟ୍ ୱାର୍ଲ୍ଡକପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଇସିସି ମହିଳା ଦିନ୍‌କିଆ ବିଶ୍ୱକପ୍ ଟୁର୍ଣ୍ଣାମେଂଟ୍ ୨୦୨୫ ସେପ୍ଟେମ୍ବର୍ ୩୦ ତାରିଖ୍‌ନୁ ମୁଲ୍ ହେବା ବଲି ଆନ୍ତର୍ଜାତିକ କ୍ରିକେଟ୍ ପରିଷଦ୍- ଆଇ.ସି.ସି. ଘୋଷ୍‌ନା କରିଛେ । ମିଲିଥିବା ସୂଚ୍‌ନା ଅନ୍‌ସାରେ ନଭେମ୍ବର୍ ୨ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ଟୁର୍ଣ୍ଣାମେଂଟ୍‌କେ ଆୟୋଜନ୍ କର୍‌ବାର୍ ଲାଗି ଭାରତ୍‌କେ ବିଧିବଦ୍ଧ ଭାବେ ଅନୁମତି ମିଲିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ଘଡ଼୍‌ଘଡ଼ି

ସହେତେ ବର୍ଷା ହେଇପାରେ । ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ୍, ବର୍‌ଗଡ୍, ସୁନ୍ଦର୍‌ଗଡ୍ ସହେତେ ୧୨ ଟା ଜିଲ୍ଲା ନ ଅପର୍‌ବଲ୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।